# Akashvani, Sambalpur

## SAMBALPURI NEWS MORNING BULLETIN

## 20 March 2026 - 6.47- 6.52 am.

---

ବଜେଟ        ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ୨୦ ବଛର୍ ପୁର୍ନା ବନ୍ଧ, କଟା, ଜଲ୍ଭଣ୍ଡାର୍ ମାନ୍କର୍ ପଙ୍କ ଉଦ୍ଧାର୍ କରାଯିବାର୍ ସହେତେ ପାନିର୍ ସୁରକ୍ଷାକେ ସୁନିଶ୍ଚିତ୍ କରାଯିବା । ଇତାର୍ ସହେତେ ରାଜ୍ୟର୍ ୫ ଶହ ୭୫ କିଲୋମିଟର୍ ଲମ୍ବା ସମୁଦ୍ର ଖଁଡ଼ିର୍ ତ୍ରିକୋଣୀୟ ଭୂମି ନ ଜମିଥିବା ବାଏଲ୍ ବାହାର୍ କରାଯିବା । ଇଥିର୍ଲାଗି ରାଜ୍ୟ ସର୍କାର୍ ନଦୀ ମୁହାଣ ଖନନ ନାଁଥି ଗୁଟେ ନୂଆଁ ଯୋଜ୍ନା ଆନିଛନ୍ । ଚଲ୍ତି ବଜେଟ୍ଥି ଯୋଜ୍ନା ଲାଗି ସର୍କାର୍ ୫ ଶହ କୋଟି ଟଙ୍କା ଖର୍ଚ୍ଚା କର୍ବେ ବଲି ମୁଖ୍ୟମନ୍ତ୍ରୀମୋହନ୍ ଚରଣ୍ ମାଝୀ କହିଛନ୍ । ଗଲାକାଏଲ୍ ବିଧାନ୍ସଭା ନ ଜଲ୍ସମ୍ପଦ୍ ବିଭାଗ୍ ଲାଗି ୧୬ ହଜାର୍ ୪ ଶହ ୪୭ କୋଟି ୧୫ ଲାଖ୍ ୮ ହଜାର୍ ଟଙ୍କାର୍ ଖର୍ଚ୍ଚା ଦାବି ଉପସ୍ଥାପନ୍ କରିକରି ମୁଖ୍ୟମନ୍ତ୍ରୀ ଇଟା କହିଛନ୍ ।

ଗ୍ରୀଷ୍ମ ପ୍ରସ୍ତୁତି ବୈଠକ୍ ଆଇ.ଆଣ୍ଡ୍.ପି.ଆର୍

ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହକେ ନଜର୍‌ଥି ରଖିକରି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ବିଭାଗ୍ ତର୍‌ଫୁ ଭୁବ୍‌ନେଶ୍ୱର୍ ନ ଗଲାକାଏଲ୍ ଗୁଟେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ୍ ହେଇଯାଇଛେ । ବିଭାଗ୍‌ର ମନ୍ତ୍ରୀ ସୁରେଶ୍ ପୂଜାରୀ ବୈଠକ୍‌ଥି ଅଧ୍ୟକ୍ଷତା କରିକରି ଖରା ସମିଆଥି ସାଧାରଣ୍ ଲୁକ୍‌କର୍ ଜୀବନ୍‌ର ସୁରକ୍ଷାକେ ପ୍ରାଥମିକତା ଦେବାର୍ ଲାଗି ବିଭାଗ୍‌ର ଅଧିକାରୀ ଆଉ କର୍ମଚାରୀମାନ୍‌କୁ ପରାମର୍ଶ ଦେଇଛନ୍ । ବେଶି ଖରା ହେଉଥିବା ଜାଗା ମାନ୍‌କେ ମୋଡ଼େଲ୍ କୁଲିଂ ଆଶ୍ରୟସ୍ଥଲ୍‌ର ବ୍ୟବସ୍ଥା କର୍‌ବାର୍ ସହେତେ ଖରା ସମିଆଥି ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା, ପିଇବାର୍ ପାଏନ୍ ଯୁଗାବାର୍ ଲାଗି ମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ଜବର୍ ଖରା ସମିଆଥି ଶ୍ରମିକ୍‌ମାନ୍‌କୁ କଠିନ୍ ପରିଶ୍ରମ୍ କରାଲେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ରାଜସ୍ୱ ମନ୍ତ୍ରୀ କହିଛନ୍ ।

ପଖାଳ ପର୍ବ ଆଇ.ଆଣ୍ଡ୍.ପି.ଆର

ଓଡ଼ିଶାର୍ ଧନୀ ନୁ ଗରିବ୍ ଯାଏ ସବୁ ବର୍ଗର୍ ଲୁକ୍‌କର୍ ମନ୍‌ପସନ୍ଦ୍ ଖାଦ୍ୟ ହେଉଛେ ପଖାଲ୍ । ପଖାଲ୍ ଭାତ୍ ଆଉ ରାଜ୍ୟର୍ ରନ୍ଧାବଢ଼ା ଐତିହ୍ୟକେ ପ୍ରଦର୍ଶନ୍ କରୁଥିବା ପ୍ରାମାଣିକ ସୁଆଦ୍‌କେ ସମ୍ମାନିତ୍ କରିକରି ଆଏଜ୍ ସାରାରାଏଜେ ଉସତ୍ ଉସ୍‌ନାକିଥି ପାଲନ୍ ହେଉଛେ ପଖାଲ୍ ଦିବସ୍ । ରାଜ୍ୟ ପର୍ଯ୍ୟଟନ ବିଭାଗ୍ ତର୍‌ଫୁ ଭୁବନେଶ୍ୱର ପାନ୍ଥ ନିବାସ ପରିସର୍ ନ ୨ ଦିନିଆ ପଖାଲ୍ ପର୍ବ ଆୟୋଜନ୍ କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କର ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ମୁଖ୍ୟ ଶାସନ୍ ସଚିବ -ସମୀକ୍ଷା ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ନକ୍ସଲ୍ ପ୍ରଭାବିତ୍ ଇଲାକା ନ ଚାଲିଥିବା ବିକାଶ୍ କାମ୍ ମାନ୍‌କର୍ ଅଗ୍ରଗତିର୍ ସମୀକ୍ଷା କରିଛନ୍ । ସବୁ ସର୍‌କାରୀ ଯୋଜ୍‌ନା ଆଉ କାର୍ଯ୍ୟକ୍ରମ୍‌ର ସୁଫଲ୍ - ନକ୍ସଲ୍ ପ୍ରଭାବିତ୍ ଇଲାକାର୍ ଜନସାଧାରଣ୍ ଆଉ ହିତାଧିକାରୀଙ୍କୁ ଯୁଗେଇ

ଦେବାର୍‌କେ ମୁଖ୍ୟ ଶାସନ୍ ସଚିବ ନିର୍ଦ୍ଦେଶ୍ ଦେଇଛନ୍ । ଖାସ୍ କରି ରାଜ୍ୟ ସର୍‌କାର୍‌ଙ୍କର୍ ଗ୍ରାମୋଦୟ ପଦକ୍ଷେପ୍ ଜରିଏ ଲୁକ୍‌କୁ ଶହେ ପ୍ରତିଶତ୍ ମୌଲିକ୍ ସୁବିଧା ଯୁଗେଇ ଦେବାର୍ ସହେତେ ଭିନ୍ ଭିନ୍ ଲକ୍ଷ୍ୟ ହାସଲ୍ କର୍‌ବାର୍‌କେ ଶ୍ରୀମତୀ ଗର୍ଗ କହିଛନ୍ ।

ହନୁମାନ୍ ଜୟନ୍ତୀ-ଝଣ୍ଡା ଥାପ୍‌ନା ଆର୍‌ଏନ୍‌ୟୁ/ ସମ୍ବଲପୁର

ହନୁମାନ୍ ଜୟନ୍ତୀ ଉତ୍ସବ୍ ପାଲନ୍ ଲାଗି ଗଲାକାଏଲ୍ ସମ୍ବଲ୍‌ପୁର୍ ସମଲେଇ ମନ୍ଦିର୍ ପରିସର୍ ନ ଝଣ୍ଡା ଥାପ୍‌ନା କରାଯାଇଛେ । ବିଧାୟକ୍ ଜୟନାରାୟଣ୍ ମିଶ୍ର କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଝଣ୍ଡା ଥାପ୍‌ନା କରିଥିଲେ ।

କୃଷି ମେଳା ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟ କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ଭୁବନେଶ୍ୱର୍ ଓୟୁଏଟି ପରିସର୍ ନ ଆଏଜ୍ କୃଷି ମେଳା ୨୦୨୬ ଆୟୋଜନ୍ କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ

କନକ୍ ବର୍ଦ୍ଧନ୍ ସିଂହଦେଓ ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ମେଟ୍ରିକ୍ ଖାତାଦେଖା ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଲିତ୍ ମେଟ୍ରିକ୍ ପରୀକ୍ଷାର୍ ସବ୍‌ଜେକ୍ଟିଭ୍ ଉତର୍ ଖାତାଦେଖା ଗଲାକାଏଲ୍‌ଠାନୁ ମୁଲ୍ ହେଇଛେ । ୩୦ ଟା ଜିଲ୍ଲାର୍ ୫୦ ଟା ମୂଲ୍ୟାୟନ କେନ୍ଦ୍ର ନ ମେଟ୍ରିକ୍ ସହେତେ ଏସ୍.ଓ.ଏ.ସି. ଆଉ ସଂସ୍କୃତ ମଧ୍ୟମା ଖାତାଦେଖା ମୁଲ୍ ହେଇଛେ । ପହେଲାଦିନେ ୧ ଲାଖ୍ ଖାତାଦେଖା ହେଇଛେ । ମୂଲ୍ୟାଙ୍କନ୍ ପ୍ରକ୍ରିୟା ଏପ୍ରିଲ୍ ୨ ତାରିଖ୍‌ତକ୍ ଚାଲ୍‌ବା ।

ବିଶ୍ୱ ଖୁସି ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଖୁସି ରହେବାର୍‌ଟା ସବୁ ମୁନ୍‌ଷର୍ ଜନ୍ମଗତ ଅଧିକାର୍ ଆଏ । ଆଏଜ୍ ବ୍ୟସ୍ତତା ଭିତ୍‌ରେ ମୁନୁଷ୍ ଚିନ୍ତା ଆଉ ଚାପଥି ରହିକରି ଖୁସି ହେବାର୍ ଭିଲ୍ ଭୁଲି ଗଲାନ । ଇତାକେ ଧ୍ୟାନ୍‌ଥି ରଖିକରି ମୁନୁଷ୍‌କର୍

ଖୁସି ଲାଗି ୨୦୧୩ ମସିହାନୁ ମିଳିତ ଜାତିସଂଘ ତର୍‌ଫୁ ଫି'ବଛର୍ ମାର୍ଚ୍ଚ ୨୦ ତାରିଖ୍ ଆଝିରର୍ ଦିନ୍‌କେ ବିଶ୍ୱ ଖୁସି ଦିବସ୍ ଭାବେ ପାଳନ୍ କରାଯାଉଛେ । ଇ ବଛର୍ ଖୁସି ଦିବସ୍‌ର ବାର୍ତା ହେଉଛେ 'ସାମାଜିକ୍ ଗଣମାଧ୍ୟମ୍ ଆଉ ଖୁସି' ।

## ଘର୍‌ଚଟିଆ ଦିବସ୍        ଆର୍‌ଏନ୍‌ୟୁ ସମ୍ବଲପୁର

ପରିବେଶ୍ ସନ୍ତୁଳନ୍ ହରାବାର୍, ଜଙ୍ଗଲ୍ କମ୍‌ବାର୍ ଆର୍ ରାସାୟନିକ୍ ସାରର୍ ବେଭାର୍ ବାଗିର୍ କାରଣ୍‌ନୁ ଦିନୁ ଦିନ୍‌କେ ଚଁଟିଆ ମାନ୍‌କର୍ ସଂଖ୍ୟା କମ୍‌ବାର୍‌କେ ଲାଗିଛେ । ଚଁଟିଆ ମାନ୍‌କର୍ ସୁରକ୍ଷା ଆର୍ ବଂଶବୃଦ୍ଧି ଲାଗି ଫି' ବଛର୍ ମାର୍ଚ୍ଚ ୨୦ ତାରିଖ୍‌କେ ବିଶ୍ୱ ଘରଚଟିଆ ଦିବସ୍ ଭାବେ ପାଳନ୍ କରାଯାଏସି । ୨୦୧୦ ମସିହାନୁ ଇ ଦିବସ୍ ପାଲିତ୍ ହେଇଆସୁଛେ । ୨୦୧୨ ମସିହା ନ ଦିଲ୍ଲୀ ସର୍‌କାର୍ ଚଁଟିଆ ଚଢ଼େଇକେ ତାଙ୍କର୍ ରାଜ୍ୟର୍ ଚଢ଼େଇ ମାଏନ୍‌ତା ଦେଇଛନ୍ ।

## ଜିଲ୍ଲାପାଳ୍-ସମୀକ୍ଷା ବୈଠକ        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଳ୍ ମଧୁସୂଦନ୍ ଦାସ୍ଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଜିଲ୍ଲା ନଗର ଉନ୍ନୟନ୍ ସଂସ୍ଥାର୍ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍ଥି ଜିଲ୍ଲାପାଳ୍ ନୂଆପଡ଼ା, ଖଡ଼ିଆଲ୍ ଆଉ ଖଡ଼ିଆଲ୍ ରୋଡ୍ ଏନ୍ଏସିର କାମ୍କାଜ୍ର ସମୀକ୍ଷା କର୍ବାର୍ ସହେତେ ରାଜସ୍ୱ ସଂଗ୍ରହ, ବର୍ଜ୍ୟବସ୍ତୁ ପରିଚାଳନା ଆଉ ମୁଖ୍ୟମନ୍ତ୍ରୀ ସହରୀ ବିକାଶ୍ ଯୋଜ୍ନାର୍ କାର୍ଯ୍ୟାନ୍ୱୟନ୍ ଉପ୍ରେ ଆଲୋଚନା କରିଛନ୍ ।

ସଡ଼କ ସୁରକ୍ଷା କମିଟିର୍ ବୈଠକ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲ ସଡ଼କ ସୁରକ୍ଷା କମିଟିର୍ ବୈଠକ୍ ଗଲାକାଏଲ୍ ହେଇଯାଇଛେ । ବୈଠକ୍ଥି ଜିଲ୍ଲାପାଳ୍ ଅଧ୍ୟକ୍ଷତା କରିକରି ସଡ଼କ୍ ସୁରକ୍ଷାର୍ ନିୟମ୍ ପାଲନ୍ କର୍ବାର୍ ଉପ୍ରେ ଜୋର୍ ଦେଇଛନ୍ । ଇତାର୍ସହେତେ ହେଲ୍ମେଟ୍ ନାଇଁ ହେଲେ ପେଟ୍ରୋଲ୍ ନାଇଁ ମିଲେ ନିୟମ୍କେ ଆହୁରି କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କର୍ବାର୍କେ ଜିଲ୍ଲାପାଳ୍ ନିର୍ଦ୍ଦେଶ୍ ଦେଇଛନ୍ ।

ବିଶ୍ୱ ଇନ୍‌ଡୋର୍ ଆଥ୍‌ଲେଟିକ୍ସ ଚାମ୍ପିଆନ୍‌ସିପ/ଆର୍‌ଏନ୍‌ୟୁ/ସମ୍ବଲପୁର

ବିଶ୍ୱ ଇନ୍‌ଡୋର୍ ଆଥ୍‌ଲେଟିକ୍ସ ଚାମ୍ପିଆନ୍‌ସିପ୍‌ର ୨୦୨୮ ସଂସ୍କରଣ ଭୁବ୍‌ନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍ ନ ହେବା । ଇ ବାବ୍‌ଦେ ଗଲାକାଏଲ୍ ବିଶ୍ୱ ଆଥ୍‌ଲେଟିକ୍ସ ସଭାପତି ଘୋଷ୍‌ନା କରିଛନ୍ । ପହେଲାକରି ଭାରତ୍‌କେ ବିଶ୍ୱସ୍ତରର୍ ଏନ୍ତାଗୁଟେ ପ୍ରତିଯୋଗିତା ଆୟୋଜନ୍ କର୍‌ବାର୍ ଲାଗି ସୁଯୋଗ୍ ମିଲିଛେ । ଘୋଷ୍‌ନା ଉତ୍‌ରୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଉ ଆଥ୍‌ଲେଟିକ୍ ସଂଘକେ ଧନ୍ୟବାଦ୍ ଜନେଇଛନ୍ ।